**ନିର୍ବାଚନୀ ହିଂସା, ୨ ଆହତ**

ହାଟଡିହୀ,(ଡି.ଏନ.ଏ.): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ମନୋହରପୁର ଗ୍ରାମରେ ନିର୍ବାଚନୀ ହିଂସା ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ହେବାରୁ ୨ଜଣ ଆହତ ହୋଇଛନ୍ତି। ଆହତ ଦ୍ୱୟ ହେଲେ ରମେଶ ଲେଙ୍କା ଓ ଟେରା ପାତ୍ର। ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

## ସଂକ୍ଷେପରେ

### ମଇଦାନରେ ଷ୍ଟାର ପ୍ରଚାରକ

ଚମ୍ପୁଆ,୧୯।୨(ଡି.ଏନ.ଏ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ୧୩,୧୪ ଓ ୧୫ନଂ. ଜିଲା ପରିଷଦ ଜୋନ୍‌ରେ ଆସନ୍ତା ୨୨ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଜୋନ୍ ଗୁଡିକରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବା ସମ୍ଭାବନା ଦେଖାଦେଇଛି। ବିଜେଡିର ବିଜୟ ପାଇଁ ବାହୁବଳି ନେତା ସନାତନ ମହାକୁଡ଼ ଓ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଦମ ଲଗାଇଦେଇଥିବା ବେଳେ ଭାଜପା ସପକ୍ଷରେ ଷ୍ଟାର ପ୍ରଚାରକ ଭାବେ ପ୍ରଚାର କରିଛନ୍ତି ଓଡ଼ିଆ ଫିଲ୍ମ ଅଭିନେତା ଅଶ୍ରୁମୋଚନ ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଶର୍ମା, ରାଧାକାନ୍ତ ମହାନ୍ତ, ଚମ୍ପୁଆ ଏନ୍‌ଏସି ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟ, ଅକ୍ଷୟ ଚନ୍ଦ୍ର ନାଏକ, ଭାବଗ୍ରାହୀ ମହାନ୍ତ, ଶଶାଙ୍କ ଶେଖର, ଶ୍ରଦ୍ଧାଞ୍ଜଳି କର ପ୍ରମୁଖ ଉପସ୍ଥିତ ଥିଲେ।

### ୧୪୦୩ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଆଜି

ବାରିପଦା ଅଫିସ,୧୯।୨: ମୟୂରଭଞ୍ଜ ଜିଲା ବଡ଼ସାହି ଓ ଉଦଳା ବ୍ଲକରେ ରବିବାର ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ହେବ। ଦୁଇଟି ବ୍ଲକରେ ୨୨, ୨୩, ୨୪, ୧ ଓ ୨ନଂ. ଜିଲା ପରିଷଦ ଜୋନକୁ ମିଶାଇ ୫ ଜୋନ୍‌ରେ ପ୍ରଚାର ଶୁକ୍ରବାର ସନ୍ଧ୍ୟାରୁ ଶେଷ ହୋଇଛି। ବଡ଼ସାହି ବ୍ଲକର ଦେଉଳିଆ ପଞ୍ଚାୟତ ସମିତିସଭ୍ୟ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାରୁ ୪୧ ସମିତିସଭ୍ୟ, ୫ ଜିଲା ପରିଷଦ, ୪୨ ସରପଞ୍ଚ ଓ ୫୪୦ ୱାର୍ଡସଭ୍ୟ ଆସନ ପାଇଁ ଭୋଟଗ୍ରହଣ ହେବ। ଉକ୍ତ ଆସନଗୁଡ଼ିକରେ ଯଥାକ୍ରମେ ୧୯, ୨୨୦, ୧୮୭ ଓ ୯୭୬ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୪୦୩ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ ୧ ଲକ୍ଷ ୭୬ ହଜାର ୮୩୬ ଭୋଟର। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ୫୪୦ ମତଦାନ କେନ୍ଦ୍ରରେ ନିୟୋଜିତ ପୋଲିଂ ଅଧିକାରୀ ଓ କର୍ମଚାରୀ ଆବଶ୍ୟକ ସରଞ୍ଜାମ ସହ ପହଞ୍ଚିଛନ୍ତି। ବଡ଼ସାହି ବ୍ଲକରେ ମୋଟ ୩୭୦ ଭୋଟଗ୍ରହଣ କେନ୍ଦ୍ରରେ ୧ ଲକ୍ଷ ୧୦ହଜାର ୯୭୧ ଭୋଟର ମତଦାନ ପାଇଁ ବ୍ୟବସ୍ଥା କରାଯାଇଛି। ୨୨, ୨୩ ଓ ୨୪ ଏହି ୩ ଜୋନ୍‌ରେ ୧୦ ପ୍ରାର୍ଥୀଙ୍କ ସହ ୩୦ ପଞ୍ଚାୟତର ୧୪୭ ଜଣ ସରପଞ୍ଚ, ୧୨୦ ସମିତିସଭ୍ୟ ଏବଂ ୩୭୦ ୱାର୍ଡରେ ୬୮୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଉଦଳା ବ୍ଲକରେ ମୋଟ ୧୭୦ ବୁଥ୍‌ରେ ୫୫ ହଜାର ୮୬୫ ଭୋଟର ଭୋଟ୍ ଦେବା ଲାଗି ବ୍ୟବସ୍ଥା କରାଯାଇଛି। ୧ ଓ ୨ ନଂ. ଜିଲା ପରିଷଦ ଜୋନ୍‌ରେ ୯ ପ୍ରାର୍ଥୀଙ୍କ ସହ ୧୨ ପଞ୍ଚାୟତର ୭୩ ଜଣ ସରପଞ୍ଚ, ୬୭ଜଣ ସମିତିସଭ୍ୟ ଏବଂ ୧୭୦ ୱାର୍ଡରେ ୨୯୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅବାଧ, ମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମ୍ପନ୍ନ ପାଇଁ ୪୮ ଘଣ୍ଟା ପୂର୍ବରୁ ଦୁଇ ବ୍ଲକରେ ମଦ ଦୋକାନଗୁଡ଼ିକ ସିଲ୍ କରାଯାଇଥିବା ବେଳେ ବ୍ୟାପକ ପୋଲିସ ପହରା ବ୍ୟବସ୍ଥା ହୋଇଛି।

### ଦୁର୍ଘଟଣାରେ ଯୁବକ ମୃତ

ସୋର, ୧୯।୨(ଡି.ଏନ୍.ଏ.):ଶନିବାର ଅପରାହ୍ନରେ ୧୬ ନମ୍ବର ଜାତୀୟ ରାଜପଥ ଦହିସଡ଼ା ନିକଟସ୍ଥ ରାଇସମିଲ୍‌ଠାରେ ଏକ ଟ୍ରକ ପଛରେ ବାଇକ୍ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା ଗ୍ରାମର ଚନ୍ଦନ ସାହୁ (୨୫) ବାଲେଶ୍ୱରରୁ ଫେରୁଥିବା ବେଳେ ଏହି ରାଇସ୍‌ମିଲ ନିକଟରେ ଏକ ଚଳନ୍ତା ଟ୍ରକ ପଛରେ ପିଟି ହୋଇ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଳ୍ପ ସମୟ ପରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଶିମିଳିପାଳରୁ ଦେଶୀ ବନ୍ଧୁକ ଜବତ

ଖୁଣ୍ଟା,୧୯।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଡୁକୁରା ବନ୍ୟପ୍ରାଣୀ ରେଞ୍ଜ ଅଧୀନ ଶିମିଳିପାଳ ଅଭୟାରଣ୍ୟ ଅଞ୍ଚଳରୁ ବନ କର୍ମଚାରୀମାନେ ଶନିବାର ସନ୍ଧ୍ୟାରେ ଦୁଇ ଦେଶୀ ବନ୍ଧୁକ ଜବତ କରିଛନ୍ତି। ବନକର୍ମଚାରୀମାନେ ଶିକାରୀଙ୍କୁ କାବୁ କରିବା ପୂର୍ବରୁ ସେମାନେ ବନ୍ଧୁକ ଓ ୨ କେଜି କୁଟାରୀ ମାଂସକୁ ଫିଙ୍ଗି ଦେଇ ଚମ୍ପଟ ମାରିଥିଲେ। ସେହିପରି ଅଭୟାରଣ୍ୟ ପାଦଦେଶ ଲମ୍ବାସାହି ଗ୍ରାମରେ ଶିକାରୀମାନେ ଏକ ୪୦/୫୦ କେଜି ଓଜନର ବାର୍ହା ଶିକାର କରି ମାଂସ କାଟୁଥିବା ବେଳେ ବନ କର୍ମଚାରୀ ଚଢ଼ାଉ କରି ମୃତ ବାର୍ହାକୁ ଜବତ କରିଥିଲେ। ଶିକାରୀମାନେ ଫେରାର ହୋଇ ଯାଇଥିଲେ।

# ନେତାଙ୍କ ଘର, ପାର୍ଟି କାର୍ଯ୍ୟାଳୟରେ ମାଳମାଳ ଆଶାୟୀ

ବାଲେଶ୍ୱର ଅଫିସ,୧୯।୨

ଗୋଟିଏପଟେ ପଞ୍ଚାୟତ ନିର୍ବାଚନ ପାଇଁ ବ୍ୟସ୍ତତା ଆଉ ଅନ୍ୟପଟେ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି। ଏହି ଦୁଇଟା କାମ ଏକାସଙ୍ଗରେ କେମିତି କରାଯିବ ସେନେଇ ଏବେ ସବୁ ଦଳର ନେତା ଚାପରେ ଅଛନ୍ତି। ତେବେ ପଞ୍ଚାୟତ ନିର୍ବାଚନ ସରିବାର ଠିକ୍ ପରେ ପୌର ନିର୍ବାଚନ ତାରିଖ ଘୋଷଣା ହେବ ବୋଲି ସୂଚନା ମିଳିବା ପରେ ଦୀର୍ଘଦିନ ହେଲା ଅପେକ୍ଷା କରିଥିବା ଆଶାୟୀ ପ୍ରାର୍ଥୀମାନେ ତତ୍ପର ହୋଇଉଠିଛନ୍ତି। ସେମାନେ ଟିକେଟ ପାଇଁ ଏବେଠୁ ନେତାଙ୍କ ଘରେ ଏବଂ ପାର୍ଟି କାର୍ଯ୍ୟାଳୟରେ ଡେରା ପକାଇବା ଆରମ୍ଭ କରିଦେଇଛନ୍ତି।

ବାଲେଶ୍ୱର ଜିଲାରେ ୩ ମ୍ୟୁନିସିପାଲିଟି ଏବଂ ୨ ଏନ୍‌ଏସି ମଧ୍ୟରୁ ବାଲେଶ୍ୱର ମ୍ୟୁନିସିପାଲିଟି, ନୀଳଗିରି ଓ ନବଗଠିତ ରେମୁଣା ଏନ୍‌ଏସି ଅଧ୍ୟକ୍ଷ ଆସନ ମହିଳାବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ବାଲେଶ୍ୱର ପୌରପରିଷଦ ଅଧ୍ୟକ୍ଷ ଆସନରେ ମହିଳା, ନୀଳଗିରି ଓ ରେମୁଣା ଏନ୍‌ଏସି ଅଧ୍ୟକ୍ଷ ଆସନ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଜଳେଶ୍ୱର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଆସନ ଅଣସଂରକ୍ଷିତ ଓ ସୋର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଆସନ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ଏହି ପଦ ପୂର୍ବରୁ ନିର୍ବାଚିତ କାଉନସିଲର ବା ପାରିଷଦମାନଙ୍କ ଦ୍ୱାରା ବଛାଯାଉଥିବା ବେଳେ ଚଳିତବର୍ଷ ଭୋଟରମାନେ ସିଧାସଳଖ ନିର୍ବାଚିତ କରିବାର ବ୍ୟବସ୍ଥା ହୋଇଛି। କାଉନସିଲରଙ୍କ ଭଳି ଅଧ୍ୟକ୍ଷ ପ୍ରାର୍ଥୀ ମଧ୍ୟ ଦଳୀୟ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ତେବେ ସବୁ ଦଳର ଆଶାୟୀ

**ପୌର ନିର୍ବାଚନ ପ୍ରସ୍ତୁତି**

ପ୍ରାର୍ଥୀମାନେ ପୌରାଧ୍ୟକ୍ଷ ବା ଏନ୍‌ଏସି ଅଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ଆସନରେ ବସିବା ଲାଗି ଦଳ ତଥା ନେତାଙ୍କ ନିକଟରେ ସେମାନଙ୍କ ଲବି ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ୱାର୍ଡ଼ ସଂରକ୍ଷଣ ତାଲିକାରେ ବାଲେଶ୍ୱର ମ୍ୟୁନିସିପାଲିଟିର ୩୧ୱାର୍ଡ଼ ମଧ୍ୟରୁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜନଜାତି(ମହିଳା) ବର୍ଗ ପାଇଁ ଗୋଟିଏ ଲେଖାଏଁ ଆସନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି (ମହିଳା) ବର୍ଗରୁ ୨ଜଣ, ସଂରକ୍ଷିତ ମହିଳା ଓ ଅଣସଂରକ୍ଷିତ ବର୍ଗ ପାଇଁ ୧୩ଟି ଲେଖାଏଁ ଆସନ ସଂରକ୍ଷିତ ରଖାଯାଇଛି। ଜଳେଶ୍ୱର ମ୍ୟୁନିସିପାଲିଟିର ୧୭ଟି ୱାର୍ଡ଼ ମଧ୍ୟରୁ ଅନୁସୂଚିତ ଜାତି(ମହିଳା), ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜନଜାତି (ମହିଳା) ବର୍ଗରୁ ୩ଟି ଆସନ ସଂରକ୍ଷିତ ରଖାଯାଇଥିବା ବେଳେ ସଂରକ୍ଷିତ ମହିଳା ଓ ଅଣସଂରକ୍ଷିତ ବର୍ଗ ପାଇଁ ୭ଟି ଲେଖାଏଁ ଆସନ ସଂରକ୍ଷିତ ରଖାଯାଇଛି। ୧୯ ୱାର୍ଡ଼କୁ ନେଇ ଗଠିତ ସୋର ମ୍ୟୁନିସିପାଲିଟିରେ ଅନୁସୂଚିତ ଜାତି, ଅନୁସୂଚିତ ଜାତି (ମହିଳା) ଓ ଅନୁସୂଚିତ ଜନଜାତି (ମହିଳା) ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ସଂରକ୍ଷିତ ମହିଳା ବର୍ଗଙ୍କ ପାଇଁ ୭ ଏବଂ ଅଣସଂରକ୍ଷିତ ବର୍ଗଙ୍କ ପାଇଁ ୯ଟି ଆସନ ସଂରକ୍ଷିତ ରହିଛି। ସେହିପରି ନୀଳଗିରି ଏନ୍‌ଏସିରେ ୧୩ଟି ୱାର୍ଡ଼ ରହିଥିବା ବେଳେ ଏଠାରେ ଅନୁସୂଚିତ ଜାତି, ଅନୁସୂଚିତ ଜାତି (ମହିଳା), ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜନଜାତି (ମହିଳା) ବର୍ଗଙ୍କ ପାଇଁ ୪ଟି ଆସନ ସଂରକ୍ଷିତ ରହିଥିବା ବେଳେ ସଂରକ୍ଷିତ ମହିଳା ବର୍ଗଙ୍କ ପାଇଁ ୪ଟି ଓ ଅଣସଂରକ୍ଷିତ ବର୍ଗ ପାଇଁ ୫ଟି ଆସନ ରହିଛି। ରେମୁଣା ଏନ୍‌ଏସି ୧୩ଟି ୱାର୍ଡ଼କୁ ନେଇ ଗଠିତ ହୋଇଛି। ଏଠାରେ ଅନୁସୂଚିତ ବର୍ଗ, ଅନୁସୂଚିତ ବର୍ଗ (ମହିଳା), ଅନୁସୂଚିତ ଜନଜାତି (ମହିଳା) ବର୍ଗ ପାଇଁ ଗୋଟିଏ ଲେଖାଏଁ ଆସନ ସଂରକ୍ଷିତ ରହିଥିବା ବେଳେ ସଂରକ୍ଷିତ ମହିଳା ବର୍ଗ ଓ ଅଣସଂରକ୍ଷିତ ବର୍ଗ ପାଇଁ ୫ଟି ଲେଖାଏଁ ଆସନ ସଂରକ୍ଷିତ କରାଯାଇଛି।

ତେବେ ପଞ୍ଚାୟତ ନିର୍ବାଚନ ପାଇଁ ଦଳଗୁଡ଼ିକ ପକ୍ଷରୁ ରଣନୀତି ପ୍ରସ୍ତୁତ କରିବାକୁ ନେତାଙ୍କୁ ଏବେ ସମୟ ମିଳୁ ନ ଥିବା ବେଳେ ସହରାଞ୍ଚଳରେ ମାଳ ମାଳ ଆଶାୟୀ ଏବେ ନେତା ଓ ପାର୍ଟି କାର୍ଯ୍ୟାଳୟରେ ଭିଡ଼ ଜମାଇଛନ୍ତି।

### ୩ ବୁଥ୍‌ରେ ସାନି ମତଦାନ ଲାଗି ଜିଲାପାଳଙ୍କ ସୁପାରିସ

ବାରିପଦା ଅଫିସ,୧୯।୨

ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ମୟୂରଭଞ୍ଜ ଜିଲା ଶୁଳିଆପଦା ଓ କପ୍ତିପଦା ବ୍ଲକର ୩ ବୁଥ୍‌ରେ ଅବ୍ୟବସ୍ଥା ପାଇଁ ମତଦାନ ବନ୍ଦ ରହିଛି। ଏଣୁ ସାନି ମତଦାନ ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନୀତ ଭରଦ୍ୱାଜ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ସୁପାରିଶ କରିଛନ୍ତି। ପ୍ରକାଶ ଯେ, ଶୁଳିଆପଦା ବ୍ଲକର ଦେଉଳି ପଞ୍ଚାୟତ ବେଢ଼ି ଗ୍ରାମର ୧୨ନଂ. ବୁଥ୍ ଓ ବାଘଡ଼ା ପଞ୍ଚାୟତ ମହୁଲକୁଣ୍ଡିଆ ଗ୍ରାମର ୧୩ ନଂ. ବୁଥ୍‌ରେ ସରପଞ୍ଚ ଭୋଟ୍‌କୁ ସ୍ଥଗିତ ରଖାଯାଇଥିଲା। ଦୁଇ ବୁଥ୍‌ରେ ପୃଥକ୍ ଭାବେ ୭ ଓ ୮ଜଣ ସରପଞ୍ଚ ପ୍ରାର୍ଥୀ ରହିଛନ୍ତି। ବାଲଟ ପେପର ପ୍ରଦାନରେ ତ୍ରୁଟି ଯୋଗୁ ଭୋଟଗ୍ରହଣ ସ୍ଥଗିତ ରଖାଯାଇଥିଲା। ସେହିପରି କପ୍ତିପଦା ବ୍ଲକର ନଟୋ ପଞ୍ଚାୟତ ବାଗଦଫା ଗ୍ରାମର ୩ ନଂ. ୱାର୍ଡ ପାଇଁ ଉଦ୍ଦିଷ୍ଟ ବୁଥ୍‌ରେ ସମିତିସଭ୍ୟ ପ୍ରାର୍ଥୀଙ୍କ ଲାଗି ଥିବା ବାଲଟ ପେପର ଭୁଲ୍ ଭାବେ ଫୋଲ୍ଡିଂ କରାଯାଇଥିବାରୁ ଜଣେ ପ୍ରାର୍ଥୀଙ୍କ ଚିହ୍ନ ନ ପାଇ ଅନେକ ଭୋଟର ମତଦାନ କରିପାରି ନ ଥିଲେ। ଫଳରେ ଭୋଟ୍‌ଗ୍ରହଣ ବନ୍ଦ ଥିଲା। ରିପୋର୍ଟ ଆସିବା ପରେ ଜିଲାପାଳ ୩ ବୁଥ୍‌ରେ ସାନି ଭୋଟଗ୍ରହଣ ପାଇଁ ମୁଖ୍ୟ ନିର୍ବାଚନ କମିଶନରଙ୍କ ଅନୁମତି ଲୋଡ଼ିଛନ୍ତି। ଅନୁମତି ମିଳିଲେ ସମ୍ଭବତଃ ୨୩ ତାରିଖରେ ୩ କେନ୍ଦ୍ରରେ ସାନି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ଭଗବାନ ଗୌଡ଼ କହିଛନ୍ତି।

# ‘ପଞ୍ଚାୟତର ବିକାଶ ସ୍ୱପ୍ନକୁ ସାକାର କରାଯିବ’



ନିର୍ବାଚନୀ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ , ଜିଲା ପରିଷଦ ପ୍ରାର୍ଥୀ ଓ ଅନ୍ୟମାନେ।

ବାସୁଦେବପୁର, ୧୯।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ୧୭ ନଂ. ଜିଲା ପରିଷଦ ଜୋନ୍‌ର ବରଣ୍ଡୁଆ ପଞ୍ଚାୟତ ମୁନିପଡ଼ିଆ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବିକାଶଧାରାରେ ସାମିଲ ହେବାକୁ ଭୋଟରଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ବଦ୍ଧପରିକର। ପଞ୍ଚାୟତର ବିକାଶ ସ୍ୱପ୍ନକୁ ସାକାର କରାଯିବ ବୋଲି ବିଧାୟକ ଭୋଟରମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବ ନିର୍ବାଚନ ଭଳି ଏଥର ଏହି ପଞ୍ଚାୟତରୁ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ସର୍ବାଧିକ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ସଭାରେ ଜିଲା ପରିଷଦ ପ୍ରାର୍ଥୀ ଜୟନ୍ତୀ ବାରିକ, ସମର୍ଥିତ ସରପଞ୍ଚ ପ୍ରାର୍ଥୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା, ସମିତିସଭ୍ୟ ପ୍ରାର୍ଥୀ ନଗେନ୍ଦ୍ର ବିଶ୍ୱାଳ ଏବଂ ୱାର୍ଡସଭ୍ୟ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ ମାଗିଥିଲେ। ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ବିଜେଡି ନେତା ସୁରେନ୍ଦ୍ର ପ୍ରସାଦ ପାତ୍ର ସଭାପତିତ୍ୱ କରିଥିଲେ। ଯୁବ ବିଜେଡି ଜିଲା ସମ୍ପାଦକ ସୌଭାଗ୍ୟ ବିଶ୍ୱାଳ ମଧ୍ୟ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ଓ ପଞ୍ଚାୟତର ଉନ୍ନତି କଥା କହି ପ୍ରାର୍ଥୀଙ୍କ ପାଇଁ ଭୋଟ୍‌ଭିକ୍ଷା କରିଥିଲେ।

# ପାତ୍ରପଡ଼ା, କୁରାଡ଼ିହାରେ ଭାଜପାର ପ୍ରଚାର

ବାଲେଶ୍ୱର ଅଫିସ, ୧୯।୨

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ୨୬ନଂ. ଓ ୨୮ନଂ. ଜୋନ୍‌ରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଶନିବାର ପ୍ରଚାର କରିଛନ୍ତି। ପ୍ରଥମେ ଦତ୍ତ ପାତ୍ରପଡ଼ା ପଞ୍ଚାୟତରେ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ଭୋଟ ଭିକ୍ଷା କରିଥିଲେ ଓ ପରେ କୁରାଡ଼ିହା ପଞ୍ଚାୟତରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ।

ଏହି ଅବସରରେ ଦତ୍ତ ସାଧାରଣ ଲୋକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ସେହିପରି ଗତ ଉପନିର୍ବାଚନରେ ବିଜେଡି ଯେଉଁସବୁ ପ୍ରତିଶ୍ରୁତି ସାଧାରଣ ଜନତାକୁ ଦେଇଥିଲେ, ତାହା ଆଜି ପାଣିର ଗାର ସଦୃଶ ପ୍ରମାଣିତ ହୋଇସାରିଛି। ଉପନିର୍ବାଚନକୁ ୧ ବର୍ଷ ବିତିଯାଇଥିବା ବେଳେ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ। ସରକାରୀ କଳ ବଳ ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ହାତେଇବାକୁ ଶାସକ ବିଜେଡି ଅପପ୍ରୟାସ ଜାରି ରଖିଛି ଓ ଚଳିତ ପଞ୍ଚାୟତ ନିର୍ବାଚନରେ ଜନତା ଏହାର ଉଚିତ୍ ଜବାବ ଦେବେ ବୋଲି ଦତ୍ତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ୨୬ନଂ. ଜିଲାପରିଷଦ ପ୍ରାର୍ଥିନୀ ଝୁନୁଲତା ସ୍ୱାଇଁ, ୨୮ନଂ. ଜିଲାପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ, ପାତ୍ରପଡ଼ା ସରପଞ୍ଚ ପ୍ରାର୍ଥିନୀ ବିନୋଦିନୀ ଦଳେଇ ଓ ସମିତିସଭ୍ୟା ପ୍ରାର୍ଥିନୀ ଅନା ଦାସ, କୁରାଡ଼ିହା ସରପଞ୍ଚ ପ୍ରାର୍ଥୀ ନିରନ ଧଳ ଓ ସମିତିସଭ୍ୟା ପ୍ରାର୍ଥୀ ରାଜକିଶୋର ମହାଳିକ, ଅନନ୍ତ ନାୟକ, ସଦାଶିବ ଜେନା, ମନ୍ମୟ ଦାସ ଓ ଅଜୟ ବିଶ୍ୱାଳ ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ସଭାରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ଉଦ୍‌ବୋଧନ ଦେଉଛନ୍ତି।

### ୫୧୭ ବୁଥରେ ମତଦାନ କରିବେ ୧ଲକ୍ଷ ୫୩ ହଜାର ଭୋଟର

ଖଇରା, ୧୯।୨(ଡି.ଏନ.ଏ.)

ଶୁକ୍ରବାର ସନ୍ଧ୍ୟାରେ ପ୍ରଚାର ଶେଷ ପରେ ଶନିବାର ପ୍ରାର୍ଥୀମାନେ ବ୍ୟକ୍ତିଗତ ଭାବେ କିଛି ୱାର୍ଡକୁ ଯାଇ ଭୋଟ ପାଇଁ ନିବେଦନ କରିଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ୪ ଜୋନରେ ୧୬ ଜିଲାପରିଷଦ ପ୍ରାର୍ଥୀ, ୩୭ ପଞ୍ଚାୟତରେ ୯୭ ସରପଞ୍ଚ, ୯୪ ସମିତିସଭ୍ୟା ଓ ସଭ୍ୟ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି । ମୋଟ ୧ଲକ୍ଷ ୫୩ହଜାର ୪୧୦ଜଣ ଭୋଟର ଉପରୋକ୍ତ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ମୋଟ ୫୧୭ ବୁଥ ମଧ୍ୟରୁ ୮ଟି ଅସ୍ଥାୟୀ ବୁଥ ନିର୍ମାଣ କରାଯାଇଛି। ଖଇରା ବ୍ଲକ ଖଇରା ଥାନା ଅଧୀନରେ ୨୫ ଅତିଉତ୍ତେଜନାପ୍ରବଣ, ୧୩ ଉତ୍ତେଜନାପ୍ରବଣ, ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ୧୫ ଅତି ଉତ୍ତେଜନାପ୍ରବଣ ଓ ୨ଟି ଉତ୍ତେଜନାପ୍ରବଣ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଖଇରା ପଞ୍ଚାୟତର ନଟାପଡା ୟୁପି ସ୍କୁଲରେ ୨ଟି ବୁଥ, ଖଇରା ପ୍ରାଇମେରୀ ସ୍କୁଲରେ ୨ଟି ବୁଥ ଏବଂ ବଣପାରିଆ ପ୍ରାଇମେରୀ ସ୍କୁଲରେ ଗୋଟିଏ ବୁଥ ଏଭଳି ୫ଟି ବୁଥକୁ ପିଙ୍କ୍ ବୁଥ ଭାବେ ପ୍ରସ୍ତୁତ କରାଯାଇଛି।

# ‘ମୁଁ ପୋଲିସ, ଯାହା ଇଚ୍ଛା ତାହା କରିବି’

କେନ୍ଦୁଝର/ହାଟଡିହୀ, ୧୯।୨ (ସ୍ୱ.ପ୍ର./ଡି.ଏନ.ଏ.)

- ନିର୍ବାଚନ ବେଳେ ଦବଙ୍ଗଗିରି ଦେଖାଇଲେ ଏସ୍‌ଆଇ
- ଖବରଦାତାଙ୍କ ଘରେ ପଶି ଧମକାଇଲେ

‘ମୁଁ ପୋଲିସ, ଯାହା ଇଚ୍ଛା ତାହା କରିବି। ଯେଉଁଠି ଚାହିଁବି ସେଠି ପଶିବି। ପରିବାରର ସମସ୍ତଙ୍କୁ ବାନ୍ଧି ଜେଲ ପଠେଇ ଦେବି। ମୋ ନାଁରେ କମ୍ପ୍ଲେନ୍ କଲେ କେସ୍‌ରେ ଠୁଙ୍କି ଦେବି।’ ଏହା ହେଉଛି ହାଟଡିହୀ ବ୍ଲକ ଧରିତ୍ରୀ ଖବରଦାତା ଶୁଭକାନ୍ତ ନାୟକଙ୍କ ପରିବାର ପ୍ରତି କେନ୍ଦୁଝର ଜିଲାର ଜଣେ ପୋଲିସ ଏସ୍‌ଆଇ ବିଶ୍ୱଜିତ ବେହେରାଙ୍କ ଧମକପୂର୍ଣ୍ଣ ଚେତାବନୀ। ଏନେଇ ସମ୍ପୃକ୍ତ ଖବରଦାତା ଶୁଭକାନ୍ତଙ୍କ ବାପା ଧନେଶ୍ୱର ନାୟକ ଏସ୍‌ଆଇ ବେହେରାଙ୍କ ନାଁରେ ନନ୍ଦିପଦା ଥାନାରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଶନିବାର ଅପରାହ୍ଣ ପ୍ରାୟ ୧.୩୦ ମିନିଟ ସମୟରେ ନିର୍ବାଚନ ଡ୍ୟୁଟିରେ ସାମିଲ ଥିବା ଏସ୍‌ଆଇ ବେହେରା ଏବଂ ଅନ୍ୟ ୫ ପୋଲିସ କର୍ମଚାରୀ ଏକ ଧଳା ସ୍କର୍ପିଓ ଗାଡ଼ିରେ ଆସି ଧନେଶ୍ୱରଙ୍କ ଘର ଭିତରକୁ ପଶି ଯାଇଥିଲେ। କ’ଣ ପାଇଁ ଆସିଛନ୍ତି ବୋଲି ଧନେଶ୍ୱର ପଚାରିବାରୁ ଏସ୍‌ଆଇ ବେହେରା ଏବଂ ପୋଲିସ କର୍ମଚାରୀମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ମୋ ନାମରେ ତୋ ସାମ୍ବାଦିକ ପୁଅ କାହିଁକି କେସ୍ କରିଥିଲା। ତାକୁ କହି ଦେବ, ମୁଁ ତାକୁ କେସ୍‌ରେ ଫସାଇ ଦେବି। ତମ ବଂଶ ନିପାତ କରିଦେବି ବୋଲି ଧନେଶ୍ୱର,ତାଙ୍କ ଦୁଇ ପୁଅ ପ୍ରଶାନ୍ତ, ପ୍ରେମାକାନ୍ତ ଏବଂ ସ୍ତ୍ରୀ ଉର୍ମିଳାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ଏହିସବୁ ଘଟଣାକୁ ଧନେଶ୍ୱରଙ୍କ ଦୁଇ ପୁଅ ନିଜ ମୋବାଇଲରେ ରେକର୍ଡିଂ କରିବାକୁ ଚେଷ୍ଟା କରିବା ସମୟରେ ଏସ୍‌ଆଇ ବେହେରା ଏବଂ ଅନ୍ୟ କର୍ମଚାରୀ ଜୋର ଜବରଦସ୍ତ ସେମାନଙ୍କଠାରୁ ଫୋନ ଛଡ଼ାଇ ନେଇଥିଲେ। ପରେ ତାଙ୍କ ଘରୁ ଯିବା ବେଳେ ଫୋନ୍‌କୁ ନିକଟରେ ଥିବା କୁଟାଗଦା ଉପରକୁ ଫିଙ୍ଗି ଦେଇ ପଳାଇଥିଲେ।

ସୂଚନାଯୋଗ୍ୟ, ଏସ୍‌ଆଇ ବେହେରାଙ୍କ ନାଁରେ ଧନେଶ୍ୱରଙ୍କ ପରିବାର ପକ୍ଷରୁ ପୂର୍ବରୁ ନନ୍ଦିପଦା ଥାନାରେ ଅଭିଯୋଗ କରାଯାଇଥିଲା। ଯାହାକି ଏବେ କୋର୍ଟରେ ବିଚାରାଧୀନ ରହିଛି। ଏହି ଘଟଣାକୁ ନେଇ ସେ ଆକ୍ରୋଶମୂଳକ ଚଢ଼ାଉ କରିଥିବା ଧନେଶ୍ୱର କହିଛନ୍ତି। ଏ ନେଇ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ଘଟଣା ବିଷୟରେ ଜାଣି ନାହିଁ ସ୍ଥାନୀୟ ପୋଲିସକୁ ପଚାରିଲେ ସେ କହିପାରିବେ ବୋଲି କହିଛନ୍ତି। ଏସ୍‌ଆଇ ବେହେରା କହିଛନ୍ତି, ଧନେଶ୍ୱରଙ୍କ ଘରେ ମଦ ଥିବା ଖବରପାଇ ଚଢ଼ାଉ କରିଥିଲୁ, କିନ୍ତୁ କିଛି ମିଳିଲାନି। ନିର୍ବାଚନ ସମୟରେ ମଦ ଓ ଟଙ୍କା କାରବାର ଉପରେ ଚଢ଼ାଉ କରୁଛୁ। ନନ୍ଦିପଦା ଥାନା ଆଇଆଇସି ଗଗନ ବିଶ୍ୱାଳ କହିଛନ୍ତି ଯେ, ମୁଁ ନିର୍ବାଚନ ଡ୍ୟୁଟିରେ ଅଛି। ଏ ବିଷୟରେ ଜାଣି ନାହିଁ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏଭଳି ସାଧାରଣ ଲୋକଙ୍କୁ ମାଡ଼ ଓ ଆକ୍ରମଣ ଘଟଣାରେ ଏସ୍‌ଆଇ ବେହେରା ନିଲମ୍ବିତ ହୋଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଥାନାରେ ନିୟୋଜିତ କରାଯିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ଅଧିକାରୀଙ୍କ ପାଇଁ ପୋଲିସ ବିଭାଗ ବାରମ୍ବାର ବଦନାମ୍ ହେଉଥିବାରୁ ବିଭାଗର ଉଚ୍ଚ ଅଧିକାରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି। ପୂର୍ବତନ ମନ୍ତ୍ରୀ ତଥା ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଘଟଣା ସମ୍ପର୍କରେ ଜାଣି ଉଦ୍‌ବେଗ ପ୍ରକାଶ କରିବା ସହ ଏ ନେଇ ସରକାରଙ୍କୁ ଅବଗତ କରିବେ ବୋଲି କହିଛନ୍ତି।

# ମନ୍ତ୍ରୀ, ବିଧାୟକଙ୍କ ମାରାଥନ ପ୍ରଚାର



ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାରରେ ମନ୍ତ୍ରୀ ଓ ବିଧାୟକ।

ବାଲେଶ୍ୱର ଅଫିସ, ୧୯।୨

ବାଲେଶ୍ୱର ସଦର ବ୍ଲକ ୨୮ ନଂ. ଜୋନର ରାଇସୁଆଁ, ରୂପ୍‌ସା ଏବଂ ଆଙ୍କୋ ପଞ୍ଚାୟତରେ ଶନିବାର ମାରାଥନ୍ ପ୍ରଚାର କରି ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିବାକୁ ମଇଦାନକୁ ଓହ୍ଲାଇଛନ୍ତି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ ଏବଂ ବାଲେଶ୍ୱରର ବିଧାୟକ ସ୍ୱରୂପ କୁମାର ଦାସ। ଦିନତମାମ୍ ଅନୁଷ୍ଠିତ ବିଭିନ୍ନ ନିର୍ବାଚନୀ ବୈଠକରେ ମନ୍ତ୍ରୀ ଏବଂ ବିଧାୟକ ଯୋଗଦେଇ ୨୮ ନଂ. ଜୋନ ବିଜୁ ଜନତା ଦଳର ଜିଲା ପରିଷଦ ପ୍ରାର୍ଥୀ ସଞ୍ଜୟ ସେଠୀ, ରାଇସୁଆଁ, ରୂପ୍‌ସା ଏବଂ ଆଙ୍କୋ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ, ସମିତିସଭ୍ୟ ପ୍ରାର୍ଥୀ ଏବଂ ସମସ୍ତ ୱାର୍ଡ଼ମେମ୍ବର ପ୍ରାର୍ଥୀଙ୍କୁ ଭୋଟଦେବା ପାଇଁ ନିବେଦନ କରିଛନ୍ତି। ଆଗାମୀ ଦିନରେ ବିକାଶଧାରାର ସଫଳ ରୂପାୟନ ହେବ ବିଧାୟକ ଦାସ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଅନୁରୋଧ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ମନୋରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଦେବବ୍ରତ ବିଶ୍ୱାଳ, ମଙ୍ଗୁଲୁ ନନା, ମଧୁସୂଦନ ସେନାପତି, କମଳାକାନ୍ତ ଜେନା, ବାବିନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଅଶ୍ରୁମୋଚନ

ପାଟଣା,୧୯।୨(ସ୍ୱ.ପ୍ର.)

ଓଡ଼ିଆ ଫିଲ୍ମ ଅଭିନେତା ଅଶ୍ରୁମୋଚନ ମହାନ୍ତି ଶନିବାର କେନ୍ଦୁଝର ଜିଲା ପାଟଣା ବ୍ଲକ ୨୧ନଂ. ଜିଲା ପରିଷଦ ଜୋନ୍‌ର ଭାଜପା ପ୍ରାର୍ଥୀ ସତ୍ୟବ୍ରତ ନାଏକ ଓ ଖିରେଇଟାଙ୍ଗିରି ପଞ୍ଚାୟତର ସମିତି ସଭ୍ୟା ପ୍ରାର୍ଥିନୀ ସସ୍ମିତା ଦଣ୍ଡପାଟଙ୍କ ପାଇଁ ପ୍ରଚାର କରିଛନ୍ତି। ଏହି ଅବସରରେ ଆୟୋଜିତ ନିର୍ବାଚନୀ ସଭାରେ ପୂର୍ବତନ ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତ, ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏକ ବିଶାଳ ରୋଡ୍ ଶୋ’ କରାଯାଇଥିଲା।

# ‘ଭତ୍ତା ବଦଳରେ ନିଯୁକ୍ତି ଦିଅ’

**ଖଣି ଅଞ୍ଚଳରେ ପ୍ରାର୍ଥୀ-ଭୋଟର ମୁହାଁମୁହିଁ**

ଯୋଡ଼ା,୧୯।୨(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଖଣି ଅଞ୍ଚଳର ଭୋଟର ଓ ପ୍ରାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ସେତିକି ମୁହାଁମୁହିଁ ପରିସ୍ଥିତି ଉପୁଜୁଛି। ଖଣି ଅଞ୍ଚଳରେ ନିଯୁକ୍ତି ଓ ବିକାଶ କାର୍ଯ୍ୟରେ ରାଜନୈତିକ ଶକ୍ତିର ଆବଶ୍ୟକତା ରହିଥିବାରୁ ଦକ୍ଷ ପ୍ରାର୍ଥୀ ଚୟନ କରିବା ନେଇ ଭୋଟରମାନେ ଏଥର ଜାଗ୍ରତ ହେଉଥିବା ଆଲୋଚନା ଚାଲିଛି। ଯୋଡ଼ା ବ୍ଲକର ଅଧିକାଂଶ ଲୋକ ଖଣିରେ କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି। ମାତ୍ର ବିଗତ କିଛି ବର୍ଷ ହେଲା ପ୍ରଭାବଶାଳୀ ନେତାମାନେ ସ୍ଥାନୀୟ ଲୋକଙ୍କୁ ଖଣିରେ ନିଯୁକ୍ତି ଦେବାର ମିଛ ପ୍ରତିଶ୍ରୁତି ଦେଇ ଖଣି କାର୍ଯ୍ୟ ହାତେଇ ନେଉଛନ୍ତି। ପରବର୍ତ୍ତୀ ସମୟରେ ସେମାନଙ୍କୁ ନିଯୁକ୍ତି ନ ଦେଇ ଭତ୍ତା ଆକାରରେ ମାସିକ କିଛି ଆର୍ଥିକ ସହାୟତା ଦେଇ ନିଜ ସପକ୍ଷରେ ରଖି ନିର୍ବାଚନ ସମୟରେ ସେମାନଙ୍କୁ ହାତବାରିସୀ କରି କ୍ଷମତା ହାସଲ କରୁଛନ୍ତି। ଫଳରେ ଜନସାଧାରଣ ନିଯୁକ୍ତି ଏବଂ ଖଣି ଅଞ୍ଚଳର ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଚଳିତ ନିର୍ବାଚନରେ ଭତ୍ତା ରାଜନୀତିକୁ ଆଉ ଭୋଟରମାନେ ପସନ୍ଦ କରୁ ନାହାନ୍ତି। ତେଣୁ ଭତ୍ତା ନୁହେଁ ଆମକୁ ନିଯୁକ୍ତି ଦିଅ ବୋଲି ଭୋଟରମାନେ ନେତାଙ୍କୁ ରୋକଠୋକ୍ ଶୁଣାଉଛନ୍ତି।

# ହାଇକୋର୍ଟ ବିଚାରପତିଙ୍କ ବାରିପଦା ଗସ୍ତ

ବାରିପଦା ଅଫିସ, ୧୯।୨

ହାଇକୋର୍ଟ ଦୁଇ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଓ ଦେବବ୍ରତ ଦାଶ ଶନିବାର ମୟୂରଭଞ୍ଜ ଜିଲା ବାରିପଦା ଗସ୍ତରେ ଆସି କୋର୍ଟ ଗୃହ ନିର୍ମାଣ ନେଇ ଓକିଲ ସଂଘ ସହିତ ଆଲୋଚନା କରିଛନ୍ତି। କୋର୍ଟ ପରିସରରେ ଚାଲି ରହିଥିବା ସଂଲଗ୍ନ ସ୍ଥାନ ପାଇଁ ଓକିଲ ସଂଘ ପକ୍ଷରୁ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବା ପରେ ନୂତନ କୋର୍ଟ ଗୃହ ନିର୍ମାଣ କରାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ। ବିଚାରପତିଙ୍କ ନିର୍ଭର ପ୍ରତିଶ୍ରୁତି ପାଇବା ପରେ ସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ କରାଯିବା ସହ ଆସନ୍ତା ସୋମବାର ଓକିଲମାନେ କାର୍ଯ୍ୟରେ ଯୋଗଦେବେ ବୋଲି ଜିଲା ଓକିଲ ସଂଘ ବାରିପଦାର ସମ୍ପାଦକ ବସନ୍ତ କୁମାର ଭୋଳ ପ୍ରକାଶ କରିଛନ୍ତି ।



ବାରିପଦା ଗସ୍ତରେ ଆସିଥିବା ହାଇକୋର୍ଟ ବିଚାରପତି କୋର୍ଟ ପରିସର ପରିଦର୍ଶନ କରୁଛନ୍ତି।

ନୂତନ କୋର୍ଟ ଗୃହ ନିର୍ମାଣ ନେଇ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା । ଆଭାସୀ ମାଧ୍ୟମରେ ହାଇକୋର୍ଟ ବିଚାରପତି ଓ ଓକିଲ ସଂଘ ପକ୍ଷରୁ ଏକ ବୈଠକ ହୋଇଥିଲା। ଶନିବାର ବାରିପଦା ଗସ୍ତରେ ଯାଇ ତଦନ୍ତ ପୂର୍ବକ ସମୀକ୍ଷା କରିବା ପରେ ନିଷ୍ପତ୍ତି ନିଆଯାଇଥିଲା । ହାଇକୋର୍ଟ ବିଚାରପତି ପୂଜାହାରୀ, ବିଚାରପତି ଦାଶ ଏବଂ ଜିଲାଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ବାରିପଦା କୋର୍ଟ ପରିସରରେ ପହଞ୍ଚିଥିଲେ। ଆଇନଜୀବୀଙ୍କ ଗହଣରେ କୋର୍ଟ ପରିସର ପରିଦର୍ଶନ କରିଛନ୍ତି । ପରେ ସଂଘ ସଭାଗୃହରେ ଜିଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସାଙ୍କ ସମେତ ସଦସ୍ୟଙ୍କ ସହ ଆଲୋଚନା କରାଯାଇଥିଲା। ନୂତନ କୋର୍ଟ ଗୃହ କେଉଁଠାରେ ସ୍ଥାପନ କରାଯିବ ସେନେଇ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ ବୋଲି ମୁଖ୍ୟ ବିଚାରପତି ପ୍ରକାଶ କରିଥିଲେ। ଏଡିଆର କକ୍ଷରେ ସଂଘର ପ୍ରତିନିଧି ଦଳଙ୍କ ସହ ଗୃହ ନିର୍ମାଣକୁ ନେଇ ଉପୁଜିଥିବା ସମସ୍ୟା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଛି। ସଂଘ ଉପସଭାପତି ସୁଜାତା ମିଶ୍ର, ସହସମ୍ପାଦକ ସ୍ୱରୂପ କୁମାର ମିଶ୍ର, ସଦସ୍ୟ କୈଳାସ ପ୍ରସାଦ ସାହୁଙ୍କ ସମେତ ସଦସ୍ୟମାନେ ଅଂଶଗ୍ରହଣ କରଛନ୍ତି।

**ବେଆଇନ ସ’ ମିଲ୍‌ରେ ଚଢ଼ାଉ**

ରୂପସା, (ଡି.ଏନ.ଏ.): ବାଲେଶ୍ୱର ଜିଲା ବନବିଭାଗ ପକ୍ଷରୁ ଶନିବାର ଅଚାନକ ବସ୍ତା ଥାନା ଅଧୀନ ବଡଖୁଡ଼ି ଗାଁରେ ଚାଲୁଥିବା ବେଆଇନ ଶ’ ମିଲ ଉପରେ ଚଢ଼ାଉ ହୋଇଛି। ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ସହ ଏହି ଶ’ ମିଲ୍‌ରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୪ ଲକ୍ଷ ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ କରାଯାଇଛି। ଘଟଣାସ୍ଥଳରୁ ମିଲ୍ ମାଲିକ ଓ କର୍ମଚାରୀ ଫେରାର ହୋଇଯାଇଥିଲେ। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଦୀର୍ଘଦିନ ଧରି ଏଠାରେ ଏହି ବେଆଇନ ଶ’ ମିଲ ଚାଲୁଥିବା ଅଭିଯୋଗ ହୋଇଆସୁଥିଲା।

**ସଂକ୍ଷେପରେ**

## ଭୋଟବାକ୍ସକୁ ଜଗି ରହିଛନ୍ତି ପ୍ରାର୍ଥୀ

ବନ୍ତ, ୧୯।୨ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକରେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଆସନ୍ତା ୨୬, ୨୭ ଓ ୨୮ ତାରିଖରେ ହେବାକୁ ଥିବାବେଳେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଗତ ୧୬ ତାରିଖରେ ନିର୍ବାଚନ ସରିଲା ପରେ ଭୋଟବାକ୍ସଗୁଡ଼ିକୁ ବ୍ଲକ କାର୍ଯ୍ୟାଳୟର ନୂଆ କୋଠାର ଉପର ମହଲାରେ ସିଲ୍ କରି ରଖାଯାଇଛି। ତେବେ ଭୋଟ୍ ଏପଟ ସେପଟ ହେବା ଆଶଙ୍କାରେ ବହୁ ପ୍ରାର୍ଥୀ ୧୬ ତାରିଖଠାରୁ ବ୍ଲକ ଅଫିସ୍ ସମ୍ମୁଖରେ ଜଗି ରହିଥିବା ଦେଖିବାକୁ ମିଳିଛି। ୨୫ ପଞ୍ଚାୟତର ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ୍‌ବାକ୍ସରେ ଥିବାବେଳେ ଷ୍ଟ୍ରଙ୍ଗରୁମ୍‌କୁ ପୋଲିସ କଡ଼ା ସୁରକ୍ଷା ମଧ୍ୟରେ ଜଗି ରହିଛି। ଅପରପକ୍ଷେ ପୋଲିସ ଷ୍ଟ୍ରଙ୍ଗରୁମ୍ ପାଖରେ ନ ରହି ତଳ ମହଲା ଫାଟକ ନିକଟରେ ଜଗିବା ସହ ସିସିଟିଭି ଫୁଟେଜ୍‌ର ଭିଡିଓ ଅଫିସ ସମ୍ମୁଖରେ ଲଗାଇବାକୁ ପ୍ରାର୍ଥୀମାନେ ଦାବି କରିଛନ୍ତି।

## ବ୍ଲକ ବିଜେଡି ସଭାପତିଙ୍କ ଇସ୍ତଫା

ଜଳେଶ୍ୱର, ୧୯।୨(ଡି.ଏନ୍.ଏ.): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଚାଲିଥିବା ବେଳେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ବିଜେଡି ସଭାପତି ଭୂପତି ଚରଣ ମିର୍ଦ୍ଧା ତାଙ୍କ ପଦବୀରୁ ଇସ୍ତଫା ଦେଇ ଇସ୍ତଫାପତ୍ର ଜିଲା ସଭାପତି ଓ ସମସ୍ତ ପଞ୍ଚାୟତ ସଭାପତିଙ୍କୁ ପ୍ରେରଣ କରିଛନ୍ତି। ଜଳେଶ୍ୱର ବିଧାୟକଙ୍କ ମନୋନୀତ ସରପଞ୍ଚ ପ୍ରାର୍ଥୀଙ୍କ ବିରୋଧରେ ସେ ନିର୍ବାଚନ ଲଢ଼ିଥିବାରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିବା କହିଛନ୍ତି।

## ଅଙ୍ଗନୱାଡି କର୍ମୀଙ୍କ ସହ ୨ ଗିରଫ

**ମହୁଲି ମଦ କାରଖାନାରେ ଅବକାରୀ ଚଢ଼ାଉ**

ପାଟଣା,୧୯।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ଅନ୍ତର୍ଗତ ଚିନାମାଳୀପଶି ପଞ୍ଚାୟତ ନୂଆପଡ଼ା ଗ୍ରାମସ୍ଥିତ ସୀତା ନଦୀ କୂଳରେ ଚାଲିଥିବା ବେଆଇନ ମଦ କାରଖାନାରେ ଶନିବାର ପାଟଣା ଓ ଘଟଗାଁ ଅବକାରୀ ବିଭାଗ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅଙ୍ଗନୱାଡି କର୍ମୀ ଶିବାନୀ ମାଝିଙ୍କ ସହ ବାସନ୍ତୀ ମାଝି ଓ ସଞ୍ଜୟ ମୁର୍ମୁ। ସେମାନଙ୍କଠାରୁ ୧୧୨ ଲିଟର ମହୁଲି ମଦ ଜବତ ହୋଇଥିବା ବେଳେ ୧୨୦୦ କିଲୋ ପୋଚ ନଷ୍ଟ କରାଯାଇଛି। ଏହି ଚଢ଼ାଉରେ ପାଟଣା ଅବକାରୀ ଅଧିକାରୀ ଜନାର୍ଦ୍ଦନ ପଲେଇ ଓ ଘଟଗାଁ ଅବକାରୀ ଅଧିକାରୀ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଏନେଇ ସିଡିପିଓ ବିଜୟ ଲକ୍ଷ୍ମୀ ମାରାଣ୍ଡିଙ୍କୁ ପଚାରିବାରୁ ମୋ ପାଖରେ କିଛି ଖବର ନାହିଁ, ତଦନ୍ତ ପରେ କହିବି ବୋଲି ପ୍ରକାଶ କରିଛନ୍ତି।

## ହିଙ୍ଗୁଳାଙ୍କ ବାର୍ଷିକ ପୂଜା ଉତ୍ସବ

ବୈଶିଙ୍ଗା,୧୯।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ନିକଟସ୍ଥ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ଶନିବାର ମା’ ହିଙ୍ଗୁଳାଙ୍କ ୧୧ତମ ବାର୍ଷିକ ପୂଜା ଉତ୍ସବ ପାଳିତ ହୋଇଯାଇଛି। ନିକଟସ୍ଥ ଘଞ୍ଚ ଶାଳ ଜଙ୍ଗଲ ମଧ୍ୟରେ ଅତ୍ୟନ୍ତ ଶାନ୍ତ ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ମା’ ବନଦୁର୍ଗାଙ୍କ ମନ୍ଦିର ପରିସରରେ ପ୍ରତିବର୍ଷ ଫାଲ୍‌ଗୁନ ମାସର ପୂର୍ଣ୍ଣିମା ପରେ ପଡୁଥିବା ପ୍ରଥମ ମଙ୍ଗଳବାର କିମ୍ବା ଶନିବାର ମା’ ହିଙ୍ଗୁଳା ବେଶରେ ସଜ୍ଜିତ ହୋଇଥାନ୍ତି। ପ୍ରସ୍ତୁତ ହୋଇଥିବା ଯଜ୍ଞକୁଣ୍ଡରେ ଶତାଧିକ ଭକ୍ତ ମାନସିକ କରି ବିଭିନ୍ନ ଫଳମୂଳ ଓ ପୂଜା ସାମଗ୍ରୀ ଅର୍ପଣ କରିଥାନ୍ତି। ପୂର୍ବବର୍ଷ ଭଳି ଏଥର ମଧ୍ୟ କୋଭିଡ୍ କଟକଣା ଯୋଗୁ କମ୍ ସଂଖ୍ୟକ ଭକ୍ତ ପରିଲକ୍ଷିତ ହୋଇଛି। ଚଳିତବର୍ଷ ମେଳା ଅନୁଷ୍ଠିତ ହୋଇ ନ ଥିଲେ ମଧ୍ୟ ଭକ୍ତମାନେ ଅଗ୍ନିକୁଣ୍ଡ ନିକଟରେ ସମବେତ ହୋଇ ରୀତିନୀତି ଅନୁସାରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ୪ ବଖରା ଜଳିଗଲା

ଭଦ୍ରକ ଅଫିସ, ୧୯।୨: ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ହରସିଂପୁର ପଞ୍ଚାୟତ ପାଟଣାସାହି ଗାଁରେ ଶନିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ନାରାୟଣ ସାହୁ ଓ ମହେନ୍ଦ୍ର ସାହୁଙ୍କ ୪ ବଖରା ଚାଳଘର ଜଳିଯାଇଛି। ଗଦିରୁ ଅଗ୍ନିଶମ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିବାରୁ ଗାଁର ଅନ୍ୟ ଘରଗୁଡ଼ିକ ଅଳ୍ପକେ ବର୍ତ୍ତି ଯାଇଛି। ଅଗ୍ନିବିପନ୍ନଙ୍କୁ ସହାୟତା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ହିଙ୍ଗୁଳାଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ

### ମାନିଲେନି କଟକଣା

ବାରିପଦା ଅଫିସ,୧୯।୨

ଆକସ୍ମିକ ଅଗ୍ନିକାଣ୍ଡରୁ ଉଦ୍ଧାର କରୁଥିବା ଅଗ୍ନିରୂପିଣୀ ମା’ ହିଙ୍ଗୁଳାଙ୍କ ବାର୍ଷିକ ବଡ଼ପୂଜା ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ କଉଡ଼ିଖଣିସ୍ଥିତ ଶାଳଜଙ୍ଗଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ୍-୧୯ ଓ ପଞ୍ଚାୟତ ନିର୍ବାଚନ ଦୃଷ୍ଟିରୁ ୧୪୪ ଧାରା ଜାରି ସତ୍ତ୍ୱେ ଏହି ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମୟୂରଭଞ୍ଜ ଜିଲା ସମେତ ପଡ଼ୋଶୀ ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ରାଜ୍ୟରୁ ଭକ୍ତମାନେ ମା’ଙ୍କ ଦର୍ଶନ କରି



ମା’ ହିଙ୍ଗୁଳାଙ୍କ ମେଳାରେ ସମବେତ ହୋଇଥିବା ଶ୍ରଦ୍ଧାଳୁ।

ଅପାର କୃପା ଲାଭ କରିଥିଲେ। ମନ୍ଦିର ପାର୍ଶ୍ୱରେ କୌଣସି ଦୋକାନ ବଜାର ବସି ନ ଥିବା ବେଳେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ଭକ୍ତ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଉତ୍ତର ଓଡ଼ିଶାରେ ‘ଜିଅନ୍ତା ଠାକୁରାଣୀ’ ଭାବେ ପରିଚିତ ମା’ ହିଙ୍ଗୁଳାଙ୍କ ପୀଠ ସବୁଜ ବନାନୀ ପରିବେଷ୍ଟିତ ଶାଳ ବଣର ମଧ୍ୟ ଭାଗରେ ଅବସ୍ଥିତ। ବେଢ଼ା ମଧ୍ୟରେ ସମ୍ପୂର୍ଣ୍ଣ ଯୋଡ଼ି ହୋଇ ରହିଥିବା ଦୁଇଟି ବଟ ଓ ସାହାଡ଼ା ବୃକ୍ଷ ମୂଳରେ ମା’ ଆବିର୍ଭୂତା। ନାଲି କପଡ଼ା, ରଙ୍ଗବେରଙ୍ଗି ଶାଢ଼ି ଦ୍ୱାରା ଏହି ବୃକ୍ଷ ଆବୃତ୍ତ ହୋଇ ରହିଛି। ମା’ ଅଗ୍ନିକୁଣ୍ଡରେ ଭୋଗରାଗ ସମର୍ପଣ କଲେ ବର୍ଷସାରା ଅଗ୍ନିକାଣ୍ଡରୁ ମୁକ୍ତି ମିଳିଥାଏ ବୋଲି ଜନଶ୍ରୁତି ରହିଆସିଛି। ଅଗ୍ନି ପୂର୍ଣ୍ଣିମାଠାରୁ ବଡ଼ପୂଜା ପର୍ଯ୍ୟନ୍ତ ମା’ଙ୍କ ପୀଠରେ ଭକ୍ତଙ୍କ ସମାଗମ ଲାଗିରହିଛି। ତେବେ ବଡ଼ସାହି ଛକ ଠାରୁ ସୁହାଗପୁର, ଉଦଳା-ସୁହାଗପୁର, କୁଅମରା-ଚାନ୍ଦଡିହା ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ହୋଇ ନ ଥିବାରୁ ଦୀର୍ଘ ସମୟ ଧରି ଯାନବାହାନ ଅଟକି ରହିଥିଲା। ପ୍ରଶାସନ ୧୪୪ ଧାରା ଜାରି କରିଥିଲେ ହେଁ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୃତୟନ କରି ନ ଥିବାରୁ ଛୋଟ ଛୋଟ ଦୁର୍ଘଟଣା ମାନ ଦେଖିବାକୁ ମିଳିଥିଲା। ସେହିପରି ଛେଳିଆ(କ) ଗ୍ରାମରେ ପୂଜା ପାଉଥିବା ମା’ଙ୍କ ପୀଠରେ ମଧ୍ୟ କୋଭିଡ୍ କଟକଣା ମାନି ପୂଜା କାର୍ଯ୍ୟ ସମାପନ ହୋଇଛି।

# ୯୫୫ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି

ସୋର, ୧୯।୨(ଡି.ଏନ.ଏ.)

ସୋର ବ୍ଲକର ୩ଟି ଜିଲା ଜିଲାପରିଷଦ ଜୋନ୍‌ରେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୨୪ ପଞ୍ଚାୟତରେ ସରପଞ୍ଚ ୭୩, ସମିତିସଭ୍ୟ ୭୨ ଏବଂ ୱାର୍ଡ଼ ସଦସ୍ୟ ଭାବେ ୮୧୫ଜଣ ମୋଟ ୯୫୫ ଜଣଙ୍କ ଭାଗ୍ୟ ପରୀକ୍ଷା ରବିବାର ହେବାକୁ ଯାଉଛି।

୨୪ପଞ୍ଚାୟତରେ ସମୁଦାୟ ୧ଲକ୍ଷ ୧୫ହଜାର ୧୯୫ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ। ମରୁବାଲଙ୍ଗ, ନଟାପଡ଼ା, ଦହିସଡ଼ା ଏବଂ ସରଶଙ୍ଖରେ ୪ଟି ପିଙ୍କ ବୁଥ୍ ରହିଛି। ସମୁଦାୟ ୩୧୫ଟି ମତଦାନ କେନ୍ଦ୍ର ମଧ୍ୟରୁ ୧୩ କେନ୍ଦ୍ରକୁ ଅତି ଉତ୍ତେଜନାପ୍ରବଣ ଓ ୪୧ଉତ୍ତେଜନାପ୍ରବଣ କେନ୍ଦ୍ର ହିସାବରେ ଚିହ୍ନଟ କରାଯାଇଛି। ଅତି ଉତ୍ତେଜନାପ୍ରବଣ କେନ୍ଦ୍ରଗୁଡ଼ିକ ମଧ୍ୟରେ ଅନନ୍ତପୁର ପଞ୍ଚାୟତର ବେଲପୁର ଆଟପୁରର ବେଳଦା ପ୍ରାଥମିକ ବିଦ୍ୟାଳୟ, ଗୁଡ଼ ବଳଭଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେଦାରପୁରର ସାଣ୍ଟପଡ଼ା ପ୍ରାଥମିକ ବିଦ୍ୟାଳୟ, ମୂଳିସିଂର ତଳମୂଳିସିଂ ପ୍ରାଥମିକ ବିଦ୍ୟାଳୟ, ନଦୀଗାଁ ଏସ୍‌ଏନ ହାଇସ୍କୁଲ, ପାଖର କଳମଙ୍ଗା କଲ୍ୟାଣ ମଣ୍ଡପ, ସାଜନପୁର ଖେଡ଼େଇ କ୍ଲବ, ସରଶଙ୍ଖର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରାଯାଇଛି। ସେହିପରି ଶିଙ୍ଗାଖୁଣ୍ଟା ଗୁଜଡ଼ିହା ଜି.ଏନ ବିଦ୍ୟାପୀଠ, ତଳନଗର ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ତେଣ୍ଟେଇ ହାଇସ୍କୁଲରେ ହୋଇଥିବା ମତଦାନ କେନ୍ଦ୍ରକୁ ଅତି ଉତ୍ତେଜନାପ୍ରବଣ କେନ୍ଦ୍ର ହିସାବରେ ଚିହ୍ନଟ କରାଯାଇଛି। ଏହି ନିର୍ବାଚନ ପାଇଁ ୩୧୫ଜଣ ପ୍ରିଜାଇଡିଂ ଅଫିସରଙ୍କ ସହିତ ୬୩୦ଜଣ ପୋଲିଂ ଅଫିସର କାର୍ଯ୍ୟରେ ନିଯୁକ୍ତ ହୋଇଛନ୍ତି। ସେହିପରି ୨୪ପଞ୍ଚାୟତ ପାଇଁ ୨୪ଜଣ ସେକ୍ଟର ଅଫିସର କାର୍ଯ୍ୟ ତଦାରଖ କରୁଛନ୍ତି। ସ୍ୱଚ୍ଛ ଓ ଅବାଧ ମତଦାନ ପାଇଁ ପ୍ରଶାସନ ତରଫରୁ ସଦର ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ୧୪ ଭ୍ରାମ୍ୟମାଣ ପୋଲିସ ଦଳ, ୩ଜଣ ସେକ୍ଟର ଅଫିସର କାର୍ଯ୍ୟ କରୁଛନ୍ତି। ୩୧୫ବୁଥ୍‌ରେ ୩୧୫ଜଣ ପୋଲିସ ବଳ ମୁତୟନ କରାଯାଇଛି। ଏଥିପାଇଁ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟକୁ ହବ୍ ସେଣ୍ଟର କରାଯାଇଥିବା ବେଳେ ବ୍ଲକ ନିର୍ବାଚନ ଅଧିକାରୀ ବିଡ଼ିଓ ସୁଶାନ୍ତ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତର ବିଭିନ୍ନ ବୁଥ୍‌କୁ ପୋଲିଂ ସରଞ୍ଜାମ ସହିତ ଅଧିକାରୀମାନଙ୍କୁ ପଠାଯାଇଛି। ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଏଡିଏମ୍ ଭବେଶ ନାୟକ, ସୋର ତହସିଲଦାର ଡ.ଅଶୋକ କୁମାର ଦାସ ଏବଂ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ରାକେଶ କୁମାର ପଣ୍ଡା ଏହି କାର୍ଯ୍ୟକୁ ତଦାରଖ କରିଛନ୍ତି।

# ପ୍ରଚାର ମଇଦାନରେ ଏମ୍‌ପି



ନିର୍ବାଚନୀ ସଭାରେ ପ୍ରାର୍ଥୀମାନଙ୍କ ସହ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

ପଦ୍ମପୁର,୧୯।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତରେ ଶୁକ୍ରବାର ସନ୍ଧ୍ୟାରେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି ଏମ୍‌ପି ମଞ୍ଜୁଲତା ମଣ୍ଡଳ। ସେ ବିଭିନ୍ନ ସାହିରେ ନିର୍ବାଚନୀ ସଭା କରି ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍‌ଭିକ୍ଷା କରିଛନ୍ତି। ସୁଗୋ, ସୁଗୋପାଟଣା, କୁସୁନବିନ୍ଧା, କଲ୍ୟାଣପୁର, କାଞ୍ଜିଖିଆ ଗ୍ରାମର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରାର୍ଥୀମାନଙ୍କୁ ଭୋଟ୍ ଦେଇ ବିଜୟୀ କରିବା ପାଇଁ ଏମ୍‌ପି ମଣ୍ଡଳ ଭୋଟରମାନଙ୍କୁ ନିବେଦନ କରିଥିଲେ। ଏମ୍‌ପିଙ୍କ ସହ ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ସରପଞ୍ଚ ମାନସୀ ନାୟକ, ସରପଞ୍ଚ ପ୍ରାର୍ଥୀ ରାଜା କୁମାର ନାୟକ, ସମିତିସଭ୍ୟ ପ୍ରାର୍ଥୀ କୈଳାସ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଣ୍ଡଳ, ପୂର୍ବତନ ସରପଞ୍ଚ ନିର୍ମଳ କୁମାର ମଣ୍ଡଳ, ବସନ୍ତ କୁମାର ନାୟକ ପ୍ରମୁଖ ପ୍ରଚାରରେ ସାମିଲ ଥିଲେ। ସୁଗୋ ଏମ୍‌ପିଙ୍କ ନିଜ ପଞ୍ଚାୟତ ହୋଇଥିବା ବେଳେ ସେ ଏହି ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି।

# ପ୍ରାର୍ଥୀଙ୍କ ଲାଗି ପ୍ରଚାର କଲେ ରାଜସ୍ୱ ମନ୍ତ୍ରୀ

ସଜନାଗଡ, ୧୯।୨(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ଚତୁର୍ଥ ପର୍ଯ୍ୟାୟକୁ ଆଉ ମାତ୍ର ୨ଦିନ ରହିଲା। ରାଜ୍ୟ ସରକାର ପ୍ରଚାର କଟକଣା କୋହଳ କରିବା ପରେ ଏବେ ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଜୋରଦାର ଚାଲିଛି। ପ୍ରମୁଖ ରାଜନୈତିକ ଦଳର ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ହେଭିୱେଟ୍ ନେତା ପ୍ରଚାର ମଙ୍ଗ ସମ୍ଭାଳୁଛନ୍ତି।

ଶନିବାର ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ଅଧୀନ ଭଉଁରିଆବାଡ଼ ପଞ୍ଚାୟତକୁ ଯାଇ ତେରେଲଡିହି, ଆନନ୍ଦପୁର, କାନ୍ଥସିମୁଳିଆ, ବାଲିଆଝର, କୁମାର ଖାଲିଆ ଗ୍ରାମରେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ପଥପ୍ରାନ୍ତ ସଭା ଓ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ବଖାଣିଥିଲେ। ସମିତିସଭ୍ୟା ପ୍ରାର୍ଥିନୀ ଶୁଭଲକ୍ଷ୍ମୀ ମାଝି, ସରପଞ୍ଚ ପ୍ରାର୍ଥୀ ସତ୍ୟନାରାୟଣ ସିଂ ଓ ୧୨ନଂ. ଜୋନର ଜିଲା ପରିଷଦ ପ୍ରାର୍ଥିନୀ ରଞ୍ଜିତା ସିଂଙ୍କ



ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ସମର୍ଥିତ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରୁଛନ୍ତି।

ନିର୍ବାଚନୀ ପ୍ରଚାରରେ ମନ୍ତ୍ରୀ ମାରାଣ୍ଡି ସାମିଲ ହୋଇ ଧୂଆଁଧାର ପ୍ରଚାର କରିଥିଲେ। ଶୁଭଲକ୍ଷ୍ମୀ ପ୍ରଥମଥର ପାଇଁ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ହେଁ ମନ୍ତ୍ରୀ ତାଙ୍କର ପାରିବାରିକ ବନ୍ଧୁ। ମନ୍ତ୍ରୀ ପ୍ରଥମେ ଶୁଭଲକ୍ଷ୍ମୀଙ୍କ ବାସଭବନରେ ଚା’ ପିଇ ଉକ୍ତ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଆୟୋଜନ କରି ଦଳ ସମର୍ଥିତ ପ୍ରାର୍ଥୀମାନଙ୍କୁ ଭୋଟ୍ ଦେଇ ବିଜୟୀ କରାଇବାକୁ ନିବେଦନ କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ରବୀନ୍ଦ୍ର ନାୟକ, ରତିକାନ୍ତ ମଲ୍ଲିକ, ଗିରିଶ ଚନ୍ଦ୍ର ମାହାନ୍ତି, ଜଳଧର ନାୟକ, ନାରାୟଣ ବେହେରା, ନିରଞ୍ଜନ ବେହେରା ଓ ଗୋପାଳ ଚନ୍ଦ୍ର ମାଝି ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇଭିଏମ୍

### ପୌର ନିର୍ବାଚନ ପାଇଁ ବ୍ୟାପକ ପ୍ରସ୍ତୁତି

ବାରିପଦା ଅଫିସ,୧୯।୨

ମୟୂରଭଞ୍ଜ ଜିଲାରେ ମ୍ୟୁନସିପାଲିଟି ଓ ଏନ୍‌ଏସି ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପଞ୍ଚାୟତ ନିର୍ବାଚନ ପରେ ମ୍ୟୁନସିପାଲିଟି ନିର୍ବାଚନ ଖୁବ ଶୀଘ୍ର ଘୋଷଣା କରାଯିବ ବୋଲି କୁହାଯାଉଛି। ନିର୍ବାଚନ ନିମନ୍ତେ ଭୋଟିଂ ମେଶିନ(ଇଭିଏମ୍) ଭଞ୍ଜପୁର ସ୍ଥିତ ବାରିପଦା କଲେଜ ପରିସରରେ ଥିବା ଷ୍ଟ୍ରଙ୍ଗ ରୁମ୍‌ରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଶନିବାର ମାଷ୍ଟର ଟ୍ରେନରମାନଙ୍କୁ ଏକପର୍ଟମାନେ ଇଭିଏମ୍ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ଦେଇଛନ୍ତି। ଜିଲାର ବାରିପଦା ଓ ରାଇରଙ୍ଗପୁର ମ୍ୟୁନସିପାଲିଟି ଏବଂ ଉଦଳା ଓ କରଞ୍ଜିଆ ଏନ୍‌ଏସି ପାଇଁ ନିର୍ବାଚନୀ ପ୍ରସ୍ତୁତି ଜୋରଦାର ଚାଲିଛି। ଖୁବ୍‌ଶୀଘ୍ର ପୌର ନିର୍ବାଚନ ହେବାକୁ ଥିବା ବେଳେ ଚଳିତ ନିର୍ବାଚନରେ ପୌର, ଏନଏସି ଅଧ୍ୟକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ହେବ। ପ୍ରତି ବୁଥ୍‌ରେ ଦୁଇଟି ଇଭିଏମ୍ ମେଶିନ ରଖାଯାଇ ୱାର୍ଡ କାଉନସିଲର ଓ ଅଧ୍ୟକ୍ଷ ପଦ ନିମନ୍ତେ ଭୋଟ ଗ୍ରହଣ କରାଯିବ। ବାରିପଦା ପୌର ପରିଷଦ ନିମନ୍ତେ ୨୮ଟି ବୁଥ୍‌ରେ ଭୋଟରଙ୍କ ମତଦାନ ପାଇଁ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି।

# ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଶ୍ରମିକ ସଂଘ



ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସଂଘ ପଦାଧିକାରୀ ଆଲୋଚନା କରୁଛନ୍ତି।

ବାଲେଶ୍ୱର ଅଫିସ, ୧୯।୨

ଭାରତୀୟ ରେଳ ମାଲଗୋଦାମ ଶ୍ରମିକଙ୍କ ସମସ୍ୟାର ସମାଧାନ ପାଇଁ ରେଳ ଓ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଶ୍ରମିକମାନଙ୍କ ଦାବି ପୂରଣ ନିମନ୍ତେ ରେଳ ମାଲଗୋଦାମ ଶ୍ରମିକ ସଂଘ ପକ୍ଷରୁ ଦାବି ହୋଇଆସୁଥିଲା। ଏହି ପରିପ୍ରେକ୍ଷୀରେ ସଂଘର ଜାତୀୟ ସାଧାରଣ ସମ୍ପାଦକ ଅରୁଣ କୁମାର ପାଶୱାନ ଏବଂ ଏମ୍‌ପି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗଦମ୍ବିକା ପାଲ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଶ୍ରମିକମାନଙ୍କ ପାଇଁ ଭାରତୀୟ ରେଳବାଇର ଡିଏଫ୍‌ସି (ଡେଡିକେଟେଡ୍ ଫ୍ରେଟ୍ କରିଡ଼ର) ପ୍ରକଳ୍ପ ସମ୍ପର୍କରେ ଗତ ୯ ଏବଂ ୧୬ ତାରିଖରେ ଆଲୋଚନା କରିଥିଲେ। ଫଳରେ ରେଳ କର୍ମଚାରୀମାନେ ସର୍ବନିମ୍ନ ମଜୁରୀ ସ୍କେଲକୁ ସିଧାସଳଖ ରେଳବାଇରୁ ପାଇପାରିବେ ଏବଂ ମନ୍ତ୍ରୀ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟି ସ୍ଥିର କରିବେ। ଏହାର ଏକ ସଫଳ ରଣନୀତି କାର୍ଯ୍ୟକାରୀ କରିବାକୁ କେନ୍ଦ୍ରମନ୍ତ୍ରୀ ସଂଘ ପଦାଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନାର ସଫଳତା ନିମନ୍ତେ ସଂଘର ଆନ୍ଧ୍ର, ଓଡ଼ିଶା ଓ ପଶ୍ଚିମବଙ୍ଗ ପ୍ରଭାରୀ ମନମୋହନ ସେଠୀ ରେଳମନ୍ତ୍ରୀଙ୍କ ସମେତ ଦୁଇ ପଦାଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ତିହିଡ଼ିରେ ସ୍ଥିତି ଅନୁଧାନ କଲେ ଜିଲାପାଳ

### ଆଜି ଭୋଟ ଗ୍ରହଣ

ଭଦ୍ରକ ଅଫିସ, ୧୯।୨

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ରବିବାର ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ହେବ। ଏଥିନେଇ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ସରିଛି। ବ୍ଲକର ୪ ଜିଲା ପରିଷଦ ଜୋନ୍‌ରେ ୩୧ପଞ୍ଚାୟତ ଅନ୍ତର୍ଭୁକ୍ତ ଥିବାବେଳେ ୫୩୬ ବୁଥ୍‌ରେ ଭୋଟ ଗ୍ରହଣ କରାଯିବ। ୧ ଲକ୍ଷ ୬୩ ହଜାର ୯୦୩ ଭୋଟରଙ୍କ ମଧ୍ୟରୁ ୮୪ ହଜାର ୮୧୭ ଜଣ ପୁରୁଷ ଓ ୭୯ ହଜାର ୮୬ଜଣ ମହିଳା ଭୋଟର ମତଦାନ



ଜିଲାପାଳ ତ୍ରିଲୋଚନ ମାଝି ତିହିଡ଼ି ବ୍ଲକରେ ସ୍ଥିତି ଅନୁଧାନ କରୁଛନ୍ତି।

ସାବ୍ୟସ୍ତ କରିବେ। ବ୍ଲକରେ ୮୦ଟି ବୁଥ୍ ସମ୍ବେଦନଶୀଳ ଥିବାବେଳେ ୪୫୬ ବୁଥ୍ ସାମାନ୍ୟ ସ୍ପର୍ଶକାତର ବୁଥ୍ ଭାବେ ଚିହ୍ନଟ କରାଯାଇଛି। ସବୁ ସମ୍ବେଦନଶୀଳ ବୁଥ୍‌ରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶନିବାର ଜିଲାପାଳ ତ୍ରିଲୋଚନ ମାଝି ତିହିଡ଼ି ଅଞ୍ଚଳ ବୁଲି ସ୍ଥିତି ଅନୁଧାନ କରି ଫେରିଛନ୍ତି।

ନିରପେକ୍ଷ ମତଦାନ ପାଇଁ ପୋଲିସ ବିଭାଗ ପକ୍ଷରୁ ୩୪ ମୋବାଇଲ ଟିମ୍, ୬ ସୁପରଭାଇଜିଂ ଟିମ୍, ୮୮୩ ଜଣ ହୋମଗାର୍ଡ, ୧୦ ପ୍ଲାଟୁନ ଫୋର୍ସ, ୧୫୦ ଜଣ ପୋଲିସ ଅଧିକାରୀ ନିୟୋଜିତ କରାଯାଇଥିବା ବେଳେ ୫୦ ଜଣ ଦକ୍ଷ ପ୍ରଶାସନିକ ଅଧିକାରୀ ନିୟୋଜିତ ଅଛନ୍ତି।

## ପୁତୁଲପାଣି ଛକରେ ସିରିଜ୍ ଦୁର୍ଘଟଣା

କେନ୍ଦୁଝର,୧୯।୨(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ପୁତୁଲପାଣି ଛକ ନିକଟରେ ଶନିବାର ସିରିଜ୍ ଦୁର୍ଘଟଣା ଘଟିଛି। ଏକାଧିକ ଟ୍ରକ୍ ପଛକୁ ପଛ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଜଣେ ଚାଳକ ଆହତ ହୋଇଛନ୍ତି। ସକାଳେ ଉକ୍ତ ଛକ ସ୍ଥିତ ରାସ୍ତା ଉପରେ ଏକ ଟ୍ରକ୍ ପାର୍କିଂ କରିଥିବାବେଳେ ପଛପଟୁ ଅନ୍ୟ ଏକ ଟ୍ରକ୍ ପିଟି ହୋଇଯାଇଥିଲା। ସେହିପରି ପଛରେ ଆସୁଥିବା ଅନ୍ୟ ଏକ ଟ୍ରକ୍ ହଠାତ୍ ବ୍ରେକ୍ ଦେବାରୁ ରାସ୍ତା କଡ଼ ସୁରକ୍ଷା ବାଡ଼ରେ ପିଟି ହୋଇଥିଲା। ସୂଚନାଯୋଗ୍ୟ, ଉକ୍ତ ସ୍ଥାନରେ ରାସ୍ତା ଉପରେ ବେଆଇନ ଟ୍ରକ୍ ପାର୍କିଂ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ହେଁ ପ୍ରତିକାର କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୌହ ଖଣିକୁ ଶତାଧିକ ଟ୍ରକ୍ ଲୁହାପଥର ନେବା ଆଣିବା ପାଇଁ ଆସୁଥିଲେ ହେଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଠିଆହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଫଳରେ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଜାତୀୟ ରାଜପଥରେ ତିନି ଚାରି ଲାଇନ କରି ଟ୍ରକ୍ ଛିଡ଼ା ହୋଇ ରହୁଥିବାରୁ ଅନେକ ସମୟରେ ଗାଡ଼ି ଜାମ୍ ରହି ଯାତାୟତରେ ଅସୁବିଧା ସୃଷ୍ଟି ହେଉଛି। ଉକ୍ତ ସ୍ଥାନଟି ହାତୀଙ୍କ ଯାତାୟତ ପଥ ହୋଇଥିବାରୁ ବହୁ ସଂଖ୍ୟାରେ ଟ୍ରକ୍ ଜାତୀୟ ରାଜପଥରେ ଛିଡ଼ା ହୋଇ ଅସୁବିଧା ସୃଷ୍ଟି କରୁଛନ୍ତି। ତୁରନ୍ତ ଏହାର ପ୍ରତିକାର କରିବାକୁ ଦାବି ହେଉଛି।

**ଜନ୍ମଦିନ ଶୁଭେଚ୍ଛା**



(ମାମୁନ୍)

ଆଦ୍ୟାଶା ମହାନ୍ତି
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଜେଜେ, ଜେଜେମା’, ବଡ଼ବାପା, ବଡ଼ମା’, ସାନବଡ଼ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୨୩୨୦୩

**MISSING**



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮

CLASSIFIED DISPLAY
MORE SPACE * SAME PRICE
ALL EDITION - B/W (Everyday)
for Booking Contact 0674-2580385 8637280816, 7894447167, 9338226625

GALAXY TOWER
Govt. Approved
4G/5G
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

BALAJI FINANCE
(Reg. No.- 003367)
2% ସୁଧ ଏବଂ 40% ଛାଡ
8902403341

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ
ଦ୍ୱାରା ଲୋନ୍।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ।
0% ସୁଧ, 35% ରିହାତି।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ।
9870683762

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

